୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.119 Bhubaneswar Friday June 20 2025 | ୨୭ତମ ବର୍ଷ ସଂଖ୍ୟା–୧୧୯ ଭୁବନେଶ୍ୱର ଶୁକ୍ରବାର, ଜୁନ ୨୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ସେବା
## ସୁଶାସନ
## ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର **ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ**

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର **ଶୁଭାରମ୍ଭ**

କରପୁତ୍ର ସମ୍ମାନ ଯୋଜନାର **ଲୋକାର୍ପଣ**

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା **ଶୁଭ ଉନ୍ମୋଚନ**

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ **ପୁସ୍ତିକା ଉନ୍ମୋଚନ**

ଲକ୍ଷପତି ଦିଦିଙ୍କୁ **ସମ୍ବର୍ଦ୍ଧନା ଜ୍ଞାପନ**

୨୦ ଜୁନ୍ ୨୦୨୫ | ଅପରାହ୍ଣ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

DADLS-34
15001/13/0713/2526




5

# ଧାନ ମଣ୍ଡି ରେ ହଜାର ହଜାର ବସ୍ତା ଧାନ ପଡ଼ିଥିବା ବେଳେ ଅଦିନିଆ ବର୍ଷା ବାତ୍ୟା ସାଧୁଛି, ଧାନ ନ ଉଠାଇଲେ ବ୍ୟାପକ ଆନ୍ଦୋଳନ ର ଚେତାବନୀ ଦେଉଛନ୍ତି ଚାଷୀ



[illegible]

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



[illegible]

# ଗାଁଗାଁରେ ରଜଉତ୍ସବ ପାଳିତ , ବିଭିନ୍ନ ପ୍ରତିଯୋଗିତା



[illegible]

# ନୂଆପଡ଼ା ଜିଲ୍ଲା ସୁସ୍ୱାଦୁ ଆମ୍ବ ସୁଦୂର ଜର୍ମାନୀ ରପ୍ତାନୀ ହେବ

[illegible]

# ବିକାଶ ମେଳା ଉପଲକ୍ଷେ ନବରଙ୍ଗପୁର ଠାରେ କୃଷକ ସମାବେଶ



[illegible]

# ତିନି ଦଫା ଦାବୀ ନେଇଁ ପିରିଗିଆ ବନ କର୍ମଚାରୀ କଳା ବ୍ୟା

[illegible]



[illegible]

# ସମ୍ବଲପୁରରେ ବିକାଶ ମେଳାର ଉଦଯାପିତ



[illegible]

# ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ବର୍ତ୍ତମାନ ସହରରେ ସ୍ଥାପନ ହେବ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

[illegible]

# ପାନୀୟ ଜଳ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କୁମାରପଡାର ମହିଳା



[illegible]

# ବକେୟା ଦରମା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଆର ଏମ ସି ଅସ୍ଥାୟୀ କର୍ମଚାରୀ



[illegible]

# ଇରାନ-ଇସ୍ରାଏଲ ବିବାଦ ମଧ୍ୟରେ ଭାରତର ଅପରେସନ ସିନ୍ଧୁ ଆରମ୍ଭ

[illegible]

# ଆମୱେ ଇଣ୍ଡିଆ ଏହାର ରୋଗପ୍ରତିରୋଧ ବର୍ଗମାଳାକୁ ସୁଦୃଢ଼ କଲା; ପ୍ରଚଳନ କଲା ନ୍ୟୁଟ୍ରିଲାଇଟ ଟ୍ରିପଲ ପ୍ରୋଟେକ୍ଟ

[illegible]




ଭୁବନେଶ୍ୱର, ୨୦୨୫, ଜୁନ ୨୦

# ଦାରିଦ୍ର୍ୟ ହ୍ରାସ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଗୋଟିଏ ଦଶନ୍ଧି ମଧ୍ୟରେ ଅର୍ଥାତ ୨୦୧୧-୧୨ ରୁ ୨୦୨୨-୨୩ ମଧ୍ୟରେ ଭାରତରେ ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଥିବା ନେଇ ବିଶ୍ୱବ୍ୟାଙ୍କର ସଦ୍ୟତମ ରିପୋର୍ଟ କେବଳ କେନ୍ଦ୍ର ସରକାରଙ୍କର ବିଭିନ୍ନ ଦାରିଦ୍ର୍ୟ ଦୂରିକରଣର ସଫଳ ରୂପାୟନର ପ୍ରତିଫଳନ ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ୨୦୧୧-୧୨ ବର୍ଷରେ ଭାରତରେ ଦାରିଦ୍ର୍ୟ ହାର ୨୭.୧ ପ୍ରତିଶତ ଥିବାବେଳେ ୨୦୨୨-୨୩ ବର୍ଷରେ ତାହା ୫.୩ ପ୍ରତିଶତକୁ ହ୍ରାସ ପାଇଛି । ୨୦୧୧-୧୨ରେ ଦେଶରେ ୩୪୪.୪୭ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ବେଳେ ୨୦୨୨-୨୩ ବେଳକୁ ସେମାନଙ୍କ ସଂଖ୍ୟା ୭୫.୨୪ ନିୟୁତକୁ ହ୍ରାସ ପାଇଛି, ଯାହାକି ଅଦ୍‌ଭୂତପୂର୍ବ ବୋଲି କୁହାଯାଇପାରେ । ବିଶ୍ୱବ୍ୟାଙ୍କ ୨୦୨୦ରେ ଖାଉଟି ମୂଲ୍ୟକୁ ଆଧାର କରି ଦାରିଦ୍ର୍ୟ ସୀମରେଖା ତଳେ ଥିବା ଲୋକଙ୍କ ଦୈନିକ ରୋଜଗାର ସୀମା ୨.୧୫ ଡଲାରରୁ ୩ ଡଲାରକୁ ବୃଦ୍ଧି କରି ଭାରତରେ ଦାରିଦ୍ର୍ୟ ହ୍ରାସ ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ଦେଶରେ ଦୈନିକ ରୋଜଗାର ୩ଡଲାର ଅର୍ଥାତ ୨୫୭ ଟଙ୍କାରୁ କମ ରୋଜଗାର ବ୍ୟକ୍ତିଙ୍କୁ ଦାରିଦ୍ର୍ୟ ଭାବେ ଚିହ୍ନଟ କରାଯାଇଛି । ଏହି କ୍ରମରେ ଭାରତରେ ଏଭଳି ଲୋକଙ୍କ ସଂଖ୍ୟା ୧୬.୨ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ୨.୩ ପ୍ରତିଶତକୁ ହ୍ରାସ ପାଇଥିବା ରିପୋର୍ଟରେ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଦାରିଦ୍ର୍ୟ ଦୂରିକରଣ ପାଇଁ କେନ୍ଦ୍ର ସରକାର ୪୯ଟି ଜନହିତକର ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଯେଉଁ ଯୋଜନାଗୁଡ଼ିକରେ ଦେଶର ୧୪୪କୋଟି ଲୋକଙ୍କ ମଧ୍ୟରୁ ୯୪କୋଟି ଲୋକ ସାମିଲ ହୋଇଛନ୍ତି । ଏହା ନିସନ୍ଦେହ ଯେ, ଦାରିଦ୍ର୍ୟ ହ୍ରାସ ନିଶ୍ଚିତ ଭାବେ ଗୋଟିଏ ଦେଶ ପାଇଁ ଗୌରବର ବିଷୟ କିନ୍ତୁ ଏବେ ବି ଦେଶରେ ଭୋକିଲା ଲୋକଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ରହିଛି । ହ୍ୟୁମାନ ଡେଭଲପମେଂଟ ଇଣ୍ଡେକ୍ସ (ମାନବିକ ବିକାଶ ସୂଚ୍ୟାଙ୍କ) ଏବଂ ଆନ୍ତର୍ଜାତିକ କ୍ଷୁଧା ସୂଚ୍ୟାଙ୍କ (ଗ୍ଲୋବାଲ ହାଙ୍ଗର ଇଣ୍ଡେକ୍ସ) ରିପୋର୍ଟରେ ତାଲିକାରେ ଭାରତର ର୍ୟାଙ୍କ ସବା ତଳେ ରହିଛି । ଭାରତର ର୍ୟାଙ୍କ ଯଥାକ୍ରମେ ୧୪୪, ୧୩୦ ଏବଂ ୧୦୫ରହିଛି । ଏହି ର୍ୟାଙ୍କ ଦେଶରେ ଏବେ ବି କୋଟି କୋଟି ଲୋକ ଭୋକିଲା ରହୁଥିବା ସୂଚିତ କରେ । ଦିନକୁ ଦୁଇ ଓଳି ଖାଇବାକୁ ନପାଇ ଭୋକିଲା ରହୁଥିବା ଲୋକ ଦରିଦ୍ର ବୋଲି କହିବାକୁ ଦେଇଛି । ତେଣୁ ଭାରତରେ ଏବେ ବି କୋଟି କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି । ଯାହାକି ବିଶ୍ୱବ୍ୟାଙ୍କ ରିପୋର୍ଟରୁ ବିରୁଦ୍ଧାଚରଣ କରୁଛି ବୋଲି ସ୍ୱୀକାର କରିବାକୁ ହେବ । ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନା (ଏନଏଫଏସ)ରେ କେନ୍ଦ୍ର ସରକାର ଦେଶର ଦୁଇ ତୃତୀୟାଂଶ ଅର୍ଥାତ ୮୦କୋଟି ଲୋକଙ୍କୁ ମାଗଣାରେ ମୁଣ୍ଡ ପିଛା ୫କେଜି ଖାଦ୍ୟ ଯୋଗାଇ ଦେଉଛନ୍ତି । ଏହା ସତ୍ତ୍ୱେ ଦେଶରେ ଭୋକିଲା ସଂଖ୍ୟା ର୍ୟାଙ୍କରେ ଆଶାତୀତ ଉନ୍ନତି ହୋଇପାରୁନାହିଁ । ଜୀବନଜୀବିକାର ସୁରକ୍ଷା ଓ ସୁସ୍ଥ ଆୟ ହେଉଛି ସାମାଜିକ ଓ ଅର୍ଥନୈତିକ ବିକାଶର ପ୍ରତୀକ । କିନ୍ତୁ ଏବେ ଦେଶରେ ସରକାରଙ୍କ ମାଗଣା ଯୋଜନାରେ ସାମିଲ ହେବା ପାଇଁ ଲୋକଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି ଯାହା ଅବର୍ଣ୍ଣନୀୟ । ଏହା ନିଶ୍ଚିତ ଯେ, ଦାରିଦ୍ର୍ୟ ଓ ଅସମାନତା ଦେଶରେ ଦଶନ୍ଧି ଦଶନ୍ଧି ଧରି ବିତର୍କର କାରଣ ହୋଇରହିଛି । ବିଶେଷ କରି ନିକଟ ଅତୀତରେ ଅର୍ଥନୀତି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଆସିଛି । ହାଉସ ହୋଲଡ୍ ସର୍ଭେ ରିପୋର୍ଟ ଯାହାକି ପରିସଂଖ୍ୟାନ ଓ ଦାରିଦ୍ର୍ୟ ହାର ଉପରେ ପର୍ଯ୍ୟବେସିତ, ବିବାଦ ମୁକ୍ତ ହୋଇନାହିଁ । କେନ୍ଦ୍ର ସରକାର ୨୦୧୭-୧୮ ଉପଭୋକ୍ତା ବ୍ୟୟ ସର୍ଭେ ରିପୋର୍ଟକୁ ସାର୍ବଜନୀନ କରିନଥିଲେ । କାରଣ ଏହି ସର୍ଭେରେ କେତେକ ଅସଙ୍ଗତି ରହିଥିବା କୁହାଯାଏ । ସେହିପରି ବିଶ୍ୱବ୍ୟାଙ୍କ ତାର ଦାରିଦ୍ର୍ୟ ହାର ଆକଳନ ପାଇଁ ୨୦୧୧-୧୨ ରୁ ୨୦୨୨-୨୩ ମଧ୍ୟରେ କରାଯାଇଥିବା ଉପଭୋଗ ଖର୍ଚ୍ଚ ସର୍ବେକ୍ଷଣକୁ ଆଧାର କରିଥିଲେବେଳ ଏହି ସର୍ବେକ୍ଷଣଗୁଡ଼ିକର ତୁଳନାତ୍ମକତା ଉପରେ ସନ୍ଦେହ ରହିଛି । କାରଣ ସରକାର ଏହି ସର୍ବେକ୍ଷଣର ପଦ୍ଧତି ଓ ନମୂନାରେ ପରିବର୍ତ୍ତନ କରିଥିଲେ । ତେଣୁ ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ହାର ହ୍ରାସ ରିପୋର୍ଟ ନେଇ ବିଶେଷ ଖୁସି ହେବାର ନାହିଁ । ଦେଶରେ ଆର୍ଥୀକ ଅସମାନତା ମଧ୍ୟ କିଛି କମ୍ ନୁହେଁ, ଯାହାର ଚିନ୍ତାର କାରଣ । ଗତବର୍ଷ ପ୍ରକାଶିତ ବିଶ୍ୱ ଅସମାନତା ରିପୋର୍ଟ ୨୦୨୨ ଅନୁଯାୟୀ ଦେଶରେ ୧ଶତାଂଶ ଲୋକଙ୍କ ସମ୍ପତିରେ ବୃଦ୍ଧି ଘଟିବା ସହ ସେମାନଙ୍କ ନିକଟରେ ଦେଶର ୪୦ପ୍ରତିଶତ ରହିଛି । ଏଥିରେ ସନ୍ଦେହ ନାହିଁ ଯେ, ଉଦାରିକରଣ ନୀତି ଦେଶରେ ଆର୍ଥୀକ ଅସମାନତାକୁ ବୃଦ୍ଧି କରିଛି । ଆର୍ଥୀକ ଅସମାନତା ନହଟିବା ପର୍ଯ୍ୟନ୍ତ ଦାରିଦ୍ର୍ୟ ହ୍ରାସ ତଥା ବିକାଶ ଆଦୌ ସମ୍ଭବ ହୋଇନପାରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ହ୍ରାସ ରିପୋର୍ଟ ନେଇ ଖୁସି ହେବାର କିଛି ନାହିଁ । ଯେତେବେଳେ ପର୍ଯ୍ୟନ୍ତ ଆର୍ଥୀକ ଅସମାନତା ଦୂର ହୋଇନାହିଁ ଏବଂ ସରକାରଙ୍କ ମାଗଣା ଖାଦ୍ୟଶସ୍ୟ ଯୋଗାଣ ସହ ବିଭିନ୍ନ ମାଗଣା ଯୋଜନା ବନ୍ଦ ହୋଇନାହିଁ, ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ହ୍ରାସ ଓ ବିକାଶ ଚିନ୍ତା କରାଯାଇନପାରେ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨

# ଚଇତି ଦୁର୍ଗା ଓ ରାମ ନବମୀ ଉପାଖ୍ୟାନ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

[illegible]

# ଆଲୋକର ଆତ୍ମାରେ ତୁମେ ମହାବିଷ୍ଣୁ


ଡ. ସାରଦା ପ୍ରସାଦ କର

[illegible]




# ଜିଲ୍ଲାସ୍ତରୀୟ ବିକାଶ ମେଳା ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି : ଜିଲ୍ଲାସ୍ତରୀୟ ବିକାଶ ମେଳା, ପଲ୍ଲୀଶ୍ରୀ ମେଳା ଓ ଷ୍ଟଲ ମେଳାର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ... ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ... ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ବିଷୟରେ ହିତାଧିକାରୀଙ୍କୁ ସଚେତନ କରାଇଥିଲେ। ... ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା।

ବୈଠକରେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଜନ୍ମପତ୍ର ଅଧିକାରୀ ... ଜିଲ୍ଲା ପରିଷଦର ଶ୍ରୀ ... ଡ଼.ମାଗଧେଶ୍ୱର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ... ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ପରେ ପରେ ... ଜିଲ୍ଲା ସଂସ୍କୃତି ଅଧିକାରୀ ... ଉପସ୍ଥିତ ଥିଲେ।

### ଧାମନଗର ମାଟିର ମହକ: ସର୍ବଭାରତୀୟ ହାଉସି ପରୀକ୍ଷାରେ ଶଶାଙ୍କଙ୍କ ସଫଳତା

ଧାମନଗର : ଧାମନଗର ମାଟିର ଗୌରବ ଆଣି ଦେଇଛି ଶଶାଙ୍କଙ୍କ ସଫଳତା। ...



# ଭି. ଏସ୍. ଏସ୍. ନଗରରେ ରଜ ମହୋତ୍ସବ ପାଳିତ

ଭୁବନେଶ୍ୱର : ଓଡ଼ିଶାର ଲୋକପର୍ବ ରଜ ... ଭି. ଏସ୍. ଏସ୍. ନଗରରେ ... ରଜ ମହୋତ୍ସବ ...



# କୋକ୍ ଷ୍ଟୁଡ଼ିଓ ଭାରତ ଇସ୍କବାୱଲାର ଅନାବରଣ କରିଛି, ଯାହାକି ଏକ ହରିୟାଣୀ ପ୍ରତିଧ୍ୱନୀର ପରିଚୟ ତଥା ଆତ୍ମବିଶ୍ଳେଷଣ

ଭୁବନେଶ୍ୱର : କୋକ୍ ଷ୍ଟୁଡ଼ିଓ ଭାରତ, ... ଇସ୍କବାୱଲା ...




# ଆଗାମୀ ଅପେକ୍ଷାରେ ରଜମହୋତ୍ସବ ଶେଷ



# ଗରାମରେ ଗାଦିବ୍ରହ୍ମ ରଜ ମହୋତ୍ସବ ଅନୁଷ୍ଠିତ



### ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ

# ଅଗ୍ରିଆରେ ଧୁମଧାମରେ ପାଳିତ ହେଲା ଐତିହାସିକ ଉଡା ପର୍ବ



# ଛେନାପଦୀ ଛକ ରାସ୍ତାର ଦୁରାବସ୍ଥା ସୁଧୁରିବ କେବେ



# ଡାଇରିଆ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

## ଦୂଷିତ ଖାଦ୍ୟ ଓ ପାଣିରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ନିବେଦନ




# କାଲି ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରର ସବୁ ସରକାରୀ ଅଫିସ ଛୁଟି

ଭୁବନେଶ୍ୱର,(ପି.ଏନ): ଆସନ୍ତାକାଲି ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତି ନେଇଛନ୍ତି। ଏନେଇ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚ୍ଳାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ବିଜ୍ଞପ୍ତିରେ ଦର୍ଶାଯାଇଛି, ଆସନ୍ତାକାଲି ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାରୁ ଅତ୍ୟଧିକ ଭିଡ ଓ ଟ୍ରାଫିକ ସମସ୍ୟା ଉପୁଜିବାର ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ଦିବସର ଦ୍ୱିତୀୟାର୍ଦ୍ଧକୁ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ରାଜସ୍ୱ ଏବଂ ମ୍ୟାଜିଷ୍ଟେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପାଇଁ ଛୁଟି ଘୋଷଣା କରିଛନ୍ତି।ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତି ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିପାଇଁ ଆସନ୍ତାକାଲି କଟକ ଓ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡିକୁ ଛୁଟି ଘୋଷଣା କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏନେଇ ବିଭାଗ ପକ୍ଷରୁ ଗତକାଲି କଟକ ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଥିଲା।ଆସନ୍ତାକାଲି ପ୍ରଧାନମନ୍ତ୍ରୀ ୧୦୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍?ଘାଟନ କରିବେ, ଯାହାର ମୂଲ୍ୟ ୧୯ ହଜାର କୋଟି ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ବିମାନ ବନ୍ଦରରୁ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ ପ୍ରଧାନମନ୍ତ୍ରୀ। କଳିଙ୍ଗ ଷ୍ଟାଡିୟମ୍‌ଠାରୁ ବିଶାଳ ରୋଡ୍ ଶୋ' କରିବେ। ପାଖାପାଖି ୨ ଲକ୍ଷ ଲୋକ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବେ। ବୟୋବନ୍ଦନା କାର୍ଡ ବାଂଟିବେ ଓ ଅନ୍ତ୍ୟୋଦୟ ଘର ବଂଟନ କରିବେ ପ୍ରଧାନମନ୍ତ୍ରୀ। ସେ ଲକ୍ଷପତି ଦିଦିଙ୍କୁ ଭେଟିବାର ମଧ୍ୟ କାର୍ଯ୍ୟକ୍ରମ ସ୍ଥିର ହୋଇଛି।ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ୧୩୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ୫୦୦ରୁ ଅଧିକ ଅଫିସର ମୁତୟନ ହୋଇଛନ୍ତି। ପାଖାପାଖି ୨୦ ଜଣ ଅତିରିକ୍ତ ଡିସିପି ଏବଂ ଡିସିପି, ଆଇଜି ଓ ଆଡିସନାଲ ଡିଜି ସ୍ତରର ଅଫିସର ମଧ୍ୟ ଦାୟିତ୍ୱରେ ଅଛନ୍ତି। ଏହାସହ ସ୍ପେଶାଲ ଆର୍ମଡ ପୁଲିସ ଫୋର୍ସ ଏବଂ ସ୍ୱତନ୍ତ୍ର ଏଜେନ୍ସିମାନେ ସୁରକ୍ଷା ଦାୟିତ୍ୱରେ ଅଛନ୍ତି। ଏୟାର ପୋର୍ଟରୁ ଜନତା ମଇଦାନ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ସହିତ ଭିଡ ନିୟନ୍ତ୍ରଣ ଓ ପରିଚ୍ଳାଳନା ଏବଂ ଆତଙ୍କବାଦ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ଏବଂ ଓଡ୍ରାଫ ଟିମ୍ ମଧ୍ୟ ମୁତୟନ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଟ୍ରାଫିକ ଆଡଭାଇଜରୀ ଜାରି କରାଯାଇଛି ଓ ଡ୍ରୋନ ଉଡ଼ାଇବା ଉପରେ ରୋକ ଲଗାଯାଇଛି ବୋଲି କଟକ-ଭୁବନେଶ୍ୱର ପୁଲିସ କମିଶନର ଏସ୍. ଦେବଦତ ସିଂହ କହିଛନ୍ତି।

# ଯାଜପୁରରେ ୨୪ ଓ ଭଦ୍ରକରେ ୨୧ ପର୍ଯ୍ୟନ୍ତ ସ୍କୁଲ ଛୁଟି

ଯାଜପୁର,(ପି.ଏନ): ଗ୍ରୀଷ୍ମ ଛୁଟି ପରେ ଆସନ୍ତାକାଲିଠାରୁ ସ୍କୁଲ୍‌ଗୁଡିକୁ ଖୋଲିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଡାଇରିଆ ବ୍ୟାପିଥିବା ଯୋଗୁ ଯାଜପୁର ଜିଲ୍ଲାରେ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟଗୁଡିକୁ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଜୁନ ୨୫ ତାରିଖରେ ସ୍କୁଲ ଖୋଲିବ। ସେହିପରି ଭଦ୍ରକ ଜିଲ୍ଲାରେ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ ରଖିବାକୁ ଜିଲ୍ଲାପାଳ ଦେଇଛନ୍ତି ନିର୍ଦ୍ଦେଶ। ଯାଜପୁରରେ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡିକୁ ଛୁଟି ଘୋଷଣା କରାଯାଇଥିଲେ ହେଁ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଆସନ୍ତାକାଲିଠାରୁ ସ୍କୁଲରେ ଉପସ୍ଥିତ ରହିବାକୁ କୁହାଯାଇଛି। ସ୍କୁଲରେ ଥିବା ସମସ୍ତ ଜଳଉତ୍ସଗୁଡିକର ବିଶୋଧିକରଣ କରିବା ସହିତ ଓଭରହେଡ୍ ଟାଙ୍କିଗୁଡିକୁ ସଫା କରିବା ଓ ସ୍କୁଲ ପରିସରକୁ ସ୍ୱଚ୍ଛ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନବାଡି କର୍ମୀମାନଙ୍କୁ ମଧ୍ୟ ସମାନ ନିର୍ଦ୍ଦେଶ ଦିଆଯାଇଛି।ଆବଶ୍ୟକତା ଅନୁଯାୟୀ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଜିଲ୍ଲା ଓ ବ୍ଲକ ପ୍ରଶାସନକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଯାଜପୁର ଜିଲ୍ଲାପାଳ ପି. ଅନ୍‌ୱେଷା ରେଡ୍ଡୀ କହିଛନ୍ତି ଯେ ଧୀରେ ଧୀରେ ଜିଲ୍ଲାରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇଛି। କିନ୍ତୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡିକୁ ବନ୍ଦ ରଖିବାକୁ ନିଷ୍ପତି ନିଆଯାଇଛି। ୨୫ ତାରିଖରୁ ସ୍କୁଲ ଖୋଲିବ। ଅଙ୍ଗନବାଡି କେନ୍ଦ୍ରଗୁଡିକ ମଧ୍ୟ ୨୪ ପର୍ଯ୍ୟନ୍ତ ବନ୍ଦ ରହିବ। ଅଙ୍ଗନବାଡି କର୍ମୀମାନେ ମଧ୍ୟ ସେମାନଙ୍କ କେନ୍ଦ୍ରକୁ ସଫାସୁତରା ରଖିବା ପ୍ରତି ଧ୍ୟାନ ଦେବେ। ଯେଉଁ ଅଙ୍ଗନବାଡି କେନ୍ଦ୍ରରେ ଜଳଉତ୍ସ ଥିବ, ସେଗୁଡିକର ବିଶୋଧିକରଣ କରାଯିବ। ପାନୀୟ ଜଳର ମାନ ପରୀକ୍ଷା କରାଯିବ। ସେଗୁଡିକ ପାନୀୟ ଉପଯୋଗୀ ହେଲେ ହିଁ ବ୍ୟବହାର କରାଯିବ। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ସୁରକ୍ଷିତ ଉତ୍ସରୁ ଜଳ ଉପଯୋଗ କରାଯିବ। ଯାଜପୁରରେ ପ୍ରତ୍ୟେକ ଦିନ ନୂଆ ଝାଡାବାନ୍ତି ରୋଗୀ ଡାକ୍ତରଖାନାରେ ଭର୍ତି ହେଉଛନ୍ତି। ଆଜି ଯାଜପୁର ରୋଡ୍? ଡାକ୍ତରଖାନାରେ ୫ ଜଣ ଆକ୍ରାନ୍ତ ଆଡମିସନ ହୋଇଛନ୍ତି। ଏଠାରେ ଏବେ ମୋଟ ୯ ଜଣ ଚିକିତ୍ସାଧୀନ ଅଛନ୍ତି। ଦାନଗଦି ଡାକ୍ତରଖାନାରେ ୨ ଜଣ ନୂଆ ଆଡମିଶନ ହୋଇଥିବା ବେଳେ ମୋଟ ୧୨ ଜଣ ଏବଂ ସୁକିନ୍ଦା ମେଡିକାଲରେ ୫ ଜଣ ନୂଆ ଆକ୍ରାନ୍ତଙ୍କ ସମେତ ୮ ଜଣ ଚିକିତ୍ସାଧୀନ ଅଛନ୍ତି। ଦାନଗଦି ଯାଜପୁର ରୋଡ୍? ମେଡିକାଲରୁ ୨ ଜଣ ରୋଗୀ କଟକ ସ୍ଥାନାନ୍ତର ହୋଇଛନ୍ତି। ଏହିପରି ଜିଲ୍ଲାରେ ମୋଟ ୧୫୮ ଜଣ ଚିକିତ୍ସାଧୀନ ଥିବା ଜଣାପଡିଛି।ସେହିପରି ଡାଇରିଆ ସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର, ସମସ୍ତ ସ୍କୁଲ ଓ କଲେଜ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଗୋପାଳପୁର ଗଣଦୁଷ୍କର୍ମ: ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କଲା ଏଆଇସିସି, ଆସିବେ ରାହୁଲ



ଭୁବନେଶ୍ୱର,(ପି.ଏନ):ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ନିଜର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛି। ରାଜ୍ୟରେ ମହିଳା ହିଂସା ବୃଦ୍ଧିକୁ ନେଇ ରାଜ୍ୟ କଂଗ୍ରେସର ଦୁଇ ନେତ୍ରୀ ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ବିଜେପି ସରକାର ବିରୁଦ୍ଧରେ ବର୍ଷିଥିବାବେଳେ ମହିଳାଙ୍କ ବିରୁଦ୍ଧରେ ବଢୁଥିବା ଅତ୍ୟାଚ଼ାର ପ୍ରତିବାଦରେ ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ଭୁବନେଶ୍ୱରରେ ଏକ ବଡଧରଣର ସମାବେଶ ନିମନ୍ତେ କଂଗ୍ରେସ ଯୋଜନା କରିଛି। ଏହି ସମାବେଶରେ ରାହୁଲ ଗାନ୍ଧି ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଯୋଗ ଦେବେ ବୋଲି ସୂଚ଼ନା ମିଳିଛି।

ଏଆଇସିସିର ଫ୍ୟାକ୍ଟଫାଇଣ୍ଡିଂ ଟିମ୍?

ଗୋପାଳପୁର ବେଳାଭୂମିରେ ଜୁନ୍ ୧୫ତାରିଖରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୁଲିସ ୧୦ଜଣଙ୍କୁ ଗିରଫ କରିଛି। ମାତ୍ର ଏହି କାର୍ଯ୍ୟାନୁଷ୍ଠାନ ପର୍ଯ୍ୟାପ୍ତ ନୁହେଁ ବୋଲି ଦର୍ଶାଇ ଏଆଇସିସି ନିଜର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗୋପାଳପୁର ପଠାଇବାକୁ ନିଷ୍ପତି ନେଇଛି। କଂଗ୍ରେସ ସଭାପତି ଶ୍ରୀ ଖଡଗେ ଏହି ଟିମ୍ ଗଠନ କରିବା ସହ ସରଜମିନ୍ ଯାଂଚ୍ କରି ନିଜର ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଂଯୋଜକ ଭାବେ ଦୀପା ଦାସମୁନସୀଙ୍କ ସମେତ ସାଂସଦ ରଞ୍ଜିତ୍ ରଞ୍ଜନ, ପ୍ରଣତୀ ସିନ୍ଧେ, ଏସ. ଜ୍ୟୋତିମଣି ଏବଂ ମହିଳା ଅଧିକାର ନେତ୍ରୀ ଶୋଭା ଓଜା ସାମିଲ ଅଛନ୍ତି। ଏହି ଟିମ୍ ଘଟଣାସ୍ଥଳ ପରିଦର୍ଶନ, ସ୍ଥାନୀୟ କର୍ତ୍ତୃପକ୍ଷ ଓ ପୀଡିତାଙ୍କ ପରିବାର ସହ ଆଲୋଚ଼ନା କରି ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବ। ଏହି ରିପୋର୍ଟରେ ଗଣଦୁଷ୍କର୍ମ ଘଟଣା ସମେତ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ମହିଳା ସୁରକ୍ଷା ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇବ ବୋଲି ଜଣାପଡିଛି।

ନୂଆଦିଲ୍ଲୀରେ ରାଜ୍ୟର ଦୁଇ ନେତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ

ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସା ବୃଦ୍ଧି ପାଉଥିବା ଓ ଡବଲ ଇଞ୍ଜିନ ସରକାର ବିଫଳ ଥିବା ଦର୍ଶାଇ ଆଜି ନୂଆଦିଲ୍ଲୀରେ ରାଜ୍ୟ କଂଗ୍ରେସର ଦୁଇଜଣ ନେତ୍ରୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଓ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏଆଇସିସି ମହିଳା ସଭାନେତ୍ରୀ ଅଲକା ଲାମ୍ବାଙ୍କ ନେତୃତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ରାଜ୍ୟ କଂଗ୍ରେସର ନେତାମାନେ ଏବେ ଦିଲ୍ଲୀରେ ଯାଇ ସାମ୍ବାଦିକ ସମ୍ମିଳନୀ କରିବା ମଧ୍ୟ ବେଶ୍ ଚ଼ର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ ଭକ୍ତ ଦାସ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରିଥିବାବେଳେ ଏବେ ସୋଫିଆ ଓ ମିନାକ୍ଷୀ ଅନୁରୂପ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ବିଫଳତାକୁ ନେଇ ବର୍ଷିଛନ୍ତି। ଏଆଇସିସି ମହିଳା ସଭାନେତ୍ରୀ ଅଲକା ଲାମ୍ବା ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଓଡିଶାରେ ପ୍ରତିଦିନ ୧୫ଟି ଗଣଦୁଷ୍କର୍ମ ମାମଲା ରିପୋର୍ଟ ହେଉଛି। ଗତ ୧୧ ମାସ ମଧ୍ୟରେ ରାଜ୍ୟରେ ୨୮ହଜାର ମହିଳା ଓ ଝିଅ ଦୁର୍ଷ୍କମର ଶିକାର ହୋଇଛନ୍ତି। ଅପରାଧୀମାନେ ଏତେ ସାହସ କେଉଁଠାରୁ ପାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବିଧାୟକା ସୋଫିଆ ଫିର୍ଦ୍ଦ?ାସ କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର ଗଠନ ପରେ ମହିଳା ବିରୋଧୀ ଅପରାଧର ମାତ୍ର ୨୧୭ଟି ମାମଲାର ଫଇସଲା ହୋଇଛି। ଭଦ୍ରକର ହସ୍ପିଟାଲର ଜଣେ ନର୍ସ ତାଙ୍କ ସହିତ ହେଉଥିବା ଯୌନ ନିର୍ଯ୍ୟାତନା ଏବଂ ବଳାତ୍କାର ବିଷୟରେ କହିଛନ୍ତି ଏବଂ ନ୍ୟାୟ ମାଗୁଛନ୍ତି। ବାଲେଶ୍ୱରରେ ଜଣେ ନାବାଳିକା ଝିଅକୁ ବଳାତ୍କାର ଏବଂ ହତ୍ୟା କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରେ ପ୍ରତିଦିନ ୭ ଜଣ ମହିଳାଙ୍କୁ କାମନାର ଶିକାର କରାଯାଉଛି। ଓଡିଶାର ୩୬,୦୦୦ ମହିଳା ଏବଂ ୮,୪୦୦ ଝିଅ ନିଖୋଜ ଅଛନ୍ତି। ସେହିପରି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି କହିଛନ୍ତି ଯେ, ଓଡିଶାରେ ମହିଳାଙ୍କ ସୁରକ୍ଷା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପ୍ରମାଣିତ ହୋଇଛି। ରଜ ପର୍ବ ସମୟରେ ୩ଟି ଗଣଦୁଷ୍କର୍ମ ଘଟଣା ରାଜ୍ୟକୁ ଲଜ୍ଜିତ କରିଛି। କଂଗ୍ରେସ ବିଧାନସଭା ଭିତରେ ଓ ବାହାରେ ଏହି ବିଷୟରେ ସ୍ୱର ଉଠାଇଛି, କିନ୍ତୁ ସରକାର ନିରବ ରହିଛନ୍ତି। ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ରାଜ୍ୟରେ ମହିଳାଙ୍କ ସୁରକ୍ଷା-ନିରାପତା ପାଇଁ କଂଗ୍ରେସ ଲଢେଇ ଜାରି ରଖିବ।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

Bhubaneswar Friday June 20 ଭୁବନେଶ୍ୱର ଶୁକ୍ରବାର, ୨୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି: କରିବେ ରୋଡ୍ ଶୋ', ବର୍ଷପୂର୍ତ୍ତି ଉତ୍ସବରେ ଭେଟିଦେବେ ୧୯ହଜାର କୋଟିର ପ୍ରକଳ୍ପ

ଭୁବନେଶ୍ୱର,୧୯।୬(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଓଡିଶା ଗସ୍ତରେ ଆସିବେ । ମୋହନ ସରକାରଙ୍କ ପ୍ରଥମ ବର୍ଷପୂର୍ତ୍ତି ଉତ୍ସବରେ ସାମିଲ ହୋଇ ମୋଟ ୧୮୬୦୦କୋଟି ଟଙ୍କାର ୧୦୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ । ଏହାସହିତ ବିମାନ ବନ୍ଦରରୁ ଏକ ବିଶାଳ ରୋଡ୍ ଶୋ' କରିବା ସହ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ ବୋଲି ଜଣାପଡିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ୨ଘଣ୍ଟିଆ ଓଡିଶା ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।



**ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଭବ୍ୟ ପ୍ରସ୍ତୁତି**

ପ୍ରଧାନମନ୍ତ୍ରୀ ମୋଦି ଆସନ୍ତାକାଲି ଅପରାହ୍ଣ ୩ଟା ୪୦ମିନିଟରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ୩ଟା ୪୫ମିନିଟରୁ ୪ଟା ୧୫ ପର୍ଯ୍ୟନ୍ତ ରୋଡ୍ ଶୋ' ଓ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ । ଜନତା ମଇଦାନରେ ଆୟୋଜିତ ବର୍ଷପୂର୍ତ୍ତି ଉତ୍ସବରେ ପ୍ରଧାନମନ୍ତ୍ରୀ ୪ଟା ୧୫ମିନିଟରୁ ୫ଟା ୩୦ମିନିଟ୍ ପର୍ଯ୍ୟନ୍ତ ରହିବେ । ଆଉ ୫ଟା ୪୫ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିବା ନିମନ୍ତେ ଭବ୍ୟ ପ୍ରସ୍ତୁତି ହୋଇଛି । ବିମାନ ବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ରାସ୍ତାର ୨୮ଟି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପ୍ରାୟ ୨ଲକ୍ଷ ଲୋକ ଏହି ରୋଡ୍ ଶୋ'ରେ ସାମିଲ ହେବେ । ପ୍ରଧାନମନ୍ତ୍ରୀ ମୋଦି ବିମାନ ବନ୍ଦରରୁ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ ଓ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ରୋଡ୍ ଶୋ'ରେ ଯୋଗ ଦେବେ । ଜନତା ମଇଦାନରେ ପ୍ରାୟ ଏକ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧିତ କରିବେ ବୋଲି ଜଣାପଡିଛି ।

**୧୮୬୦୦କୋଟି ଟଙ୍କାର ପ୍ରକଳ୍ପ ଭେଟିଦେବେ ପ୍ରଧାନମନ୍ତ୍ରୀ**

ମୋହନ ସରକାରଙ୍କ ପ୍ରଥମ ବର୍ଷପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦି ମୋଟ ୧୮୬୦୦କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ । ଏଥିରେ ୬୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪୫ଟି ପ୍ରକଳ୍ପର ଉଦଘାଟନ ସାମିଲ ଅଛି । ଏସବୁ ପ୍ରକଳ୍ପ ମଧ୍ୟରେ ପାନୀୟ ଜଳ, ସିଂଚନ, କୃଷି , ସ୍ୱାସ୍ଥ୍ୟ ଭିତ୍ତିଭୂମି, ସଡକ ଓ ବ୍ରିଜ୍ , ଜାତୀୟ ରାଜପଥ ଓ ନୂଆ ରେଳମାର୍ଗ ସାମିଲ ଅଛି ।

**କେଉଁସବୁ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ**

ବୌଦ୍ଧ ଜିଲ୍ଲାକୁ ପ୍ରଥମଥର ଜାତୀୟ ରେଳ ନେଟୱାର୍କ ସହ ସଂଯୋଗ କରି ନୂତନ ଟ୍ରେନ ସେବାର ଶୁଭାରମ୍ଭ କରିବେ । କ୍ରୁଟ୍ ପରିବହନ ଅଧୀନରେ ୧୦୦ଟି ଇଲେକ୍ଟ୍ରିକ ବସର ଶୁଭାରମ୍ଭ ମଧ୍ୟ କରିବେ । ସେହିପରି ଓଡିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଓଡିଶା ୨୦୩୬- ଭିଜନ ଡକ୍ୟୁମେଂଟର ଉନ୍ମୋଚନ କରିବା ସହ ମୁଖ୍ୟମନ୍ତ୍ରୀ ଅନ୍ତୋଦୟ ଯୋଜନାରେ ୫୦ହଜାର ହିତାଧିକାରୀ ଗୃହ କାର୍ଯ୍ୟାଦେଶ ବଂଟନ, ଆୟୁଷ୍ମାନ ବୟୋବନ୍ଦନା ଯୋଜନା କାର୍ଡ ବଂଟନ, ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା କରିବେ ବୋଲି ଜଣାପଡିଛି ।

**ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜନତା ମଇଦାନକୁ ଯାଇ ସେଠାରେ ରାଜ୍ୟସ୍ତରୀୟ ବର୍ଷପୂର୍ତ୍ତି ଉତ୍ସବ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କ ଉପସ୍ଥିତିରେ ରାଜ୍ୟ ମୁଖ୍ୟ ସଚିବ, ପୁଲିସ ଡିଜି ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ।

## ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗର୍ଜିଲେ ଚାଷୀ



ଭୁବନେଶ୍ୱର,୧୯।୬(ପି.ଏନ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶହ ଶହ ଚାଷୀ। ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଶି ଅଧିକାରୀଙ୍କ ଉପରେ ଗର୍ଜିଲେ ଚାଷୀ। ବର୍ଷାରେ ଭିଜି ଗଜା ହୋଇଥିବା ଧାନ ଧରି ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି ବରପାଲି ବ୍ଲକ ତୁଲଣ୍ଡିର ଚାଷୀ। ଟିଫିନରେ ପଖାଳ ଧରି ଅଫିସ ଭିତରେ ପଖାଳ ଖାଇବା ସହ ଗଜା ଧାନ ଧରି ଅଭିନବ ପ୍ରତିବାଦ କରିଛନ୍ତି। ବରଗଡ଼ ଜିଲ୍ଲାରୁ ଧାନ ଉଠୁ ନଥିବା ସମସ୍ୟା ନେଇ ଚାଷୀମାନେ ଜିଲ୍ଲାପାଳଙ୍କୁ ଜଣାଇଛଥିଲେ।କୌଣସି ସମାଧାନ ଜିଲ୍ଲା ପ୍ରଶାସନ କରୁନଥିବା ଅଭିଯୋଗ କରିଛନ୍ତି ଚାଷୀ । ଗତକାଲି ମଧ୍ୟ ଚାଷୀ ଧାରଣା ଦେଇ ଧାନ ଶୀଘ୍ର ଉଠାଇବାକୁ ଦାବି କରିଥିଲେ। କିନ୍ତୁ ପ୍ରତିଶୃତି ଦେଇ ଚାଷୀଙ୍କୁ ଅଧିକାରୀମାନେ ଧାରଣାରୁ ଉଠେଇ ଦେଇଥିଲେ। ପ୍ରତିଶୃତି ପରେ ମଧ୍ୟ ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଥିବା ବେଳେ ବର୍ତ୍ତମାନ ବର୍ଷା ଯୋଗୁଁ ଧାନ ଗଜା ହୋଇ ବସିଲାଣି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ। ବର୍ଷାରେ ମଧ୍ୟ ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି କରି ନ ପାରି ଅଫିସ ଅଫିସ ଦୌଡୁଥିବା ବେଳେ ପ୍ରଶାସନ କେବଳ ଚାଷୀଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଚାଷୀ ବର୍ଷାରେ ଭିଜିଭିଜି ଜିଲ୍ଲାପାଳ କାର୍ଯ୍ୟାଳୟ ଭିତରେ ଧାରଣାରେ ବସିଛନ୍ତି। ଧାନ ନଉଠିବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଚାଷୀ।

## ଆସନ୍ତାକାଲି ଦିନ ୧୦ଟାରେ ଚିକିତ୍ସା ପାଇଁ ମୁମ୍ବାଇ ବାହାରିବେ ନବୀନ : ଦେବୀ ମିଶ୍ର

ଭୁବନେଶ୍ୱର,୧୯।୬(ପି.ଏନ): ଆସନ୍ତାକାଲି ଦିନ ୧୦ଟାରେ ମୁମ୍ବାଇ ପାଇଁ ବାହାରିବେ ନବୀନ ପଟ୍ଟନାୟକ । ମୁମ୍ବାଇରେ ଚିକିତ୍ସା ଚାଲିବ । ଦଳମତ ନିର୍ବିଶେଷରେ ତାଙ୍କ ପ୍ରତି ସମସ୍ତଙ୍କର ସମ୍ମାନ ରହିଛି । ଦେଶର ଅନେକ ରାଜନୈତିକ ଦଳ ତାଙ୍କୁ ସମ୍ମାନ କରନ୍ତି । ନେତାମାନେ ତାଙ୍କ ସହ ବିମାନ ବନ୍ଦର ଯାଇ ପାରନ୍ତି । ମୁମ୍ବାଇରେ ଡାକ୍ତର ରମାକାନ୍ତ ପଣ୍ଡା କୋର୍ଡିନେଟ କରୁଛନ୍ତି । ଶ୍ରୀଜଗନ୍ନାଥଙ୍କ କରୁଣା ତାଙ୍କ ପ୍ରତି ଅଛି ବୋଲି କହିଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ମିଶ୍ର । ସେହିପରି ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାବାସୀ ନିଜର ପରିବାର ସଦସ୍ୟ ବୋଲି ଗ୍ରହଣ କରିଛନ୍ତି ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ମୁଦୁଲି । ନବୀନ ବାବୁଙ୍କ ଦେହ ଖରାପ କଥା ଶୁଣି ଲୋକେ ଚିନ୍ତିତ ଅଛନ୍ତି । ସମସ୍ତେ ସେ ତୁରନ୍ତ ସୁସ୍ଥ ହୋଇ ଫେରନ୍ତୁ ବୋଲି ପ୍ରାର୍ଥନା କରୁଛନ୍ତି । ନବୀନ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲ ପାଇବା ଅତୁଟ ରହିଛି । ସେ ବି ଓଡିଶାବାସୀଙ୍କୁ ନିଜର ପରିବାର ଭାବି କାମ କରୁଛନ୍ତି । ସେ କ୍ଷମତାରେ ଥାଆନ୍ତୁ କି ବିରୋଧୀ ଦଳରେ, ସବୁବେଳେ ଲୋକସେବାକୁ ଗୁରୁତ୍ୱ ଦିଅନ୍ତି ବୋଲି କହିଛନ୍ତି ପ୍ରଶାନ୍ତ।

## ଭିଜିଲାନ୍ସ ଜାଲରେ ପୂର୍ବତନ ପିଇଓ

ଭୁବନେଶ୍ୱର,୧୯।୬(ପି.ଏନ): ଭିଜିଲାନ୍ସ ହାତରେ ଧରାପଡିଲେ ଦାରିଙ୍ଗବାଡିର ଲାଞ୍ଚୁଆ ପୂର୍ବତନ ପିଇଓ ଅକ୍ରୁର ମାଝୀ। ୬୦ ଲକ୍ଷ ସରକାରୀ ଟଙ୍କା ହଡପ କରି ଫେରାର ଥିଲେ। ଗତକାଲି ରାତିରେ ଦାରିଙ୍ଗବାଡିରୁ ଗିରଫ କରିଛି ଫୁଲବାଣୀ ଭିଜିଲାନ୍ସ ଟିମ । ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ସରାମୁଳି ପଂଚାୟତ ପିଇଓ ଥିବାବେଳେ ୫୩ ଲକ୍ଷ ସରକାରୀ ଅର୍ଥ ହଡପ କରିଥିବାବେଳେ ପୂର୍ବରୁ ଝିଙ୍ଗିରୀଗୁଡା ପଂଚାୟତରେ ଥିବାବେଳେ ମଧ୍ୟ ସରକାରୀ ଅର୍ଥ ହଡପ ଅଭିଯୋଗ ରହିଛି ।

## ଡାଇରିଆ ଅଞ୍ଚଳରେ ସ୍କୁଲ ଖୋଲିନପାରେ, ଜାଣନ୍ତୁ କଣ କହିଲେ ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୧୯।୬(ପି.ଏନ): ଖରାଛୁଟି ପରେ ଆସନ୍ତାକାଲିଠାରୁ ସ୍କୁଲ ଖୋଲିବାର ଥିଲେ ମଧ୍ୟ ଡାଇରିଆ ଅଞ୍ଚଳରେ ସ୍କୁଲ ଖୋଲିନପାରେ। ଏହି ସୂଚନା ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି, ଡାଇରିଆ ବ୍ୟାପିଥିବା ୩ ଜିଲ୍ଲାର ସ୍ଥିତି ଦେଖି ସ୍କୁଲ୍ ଖୋଲିବା ନିଷ୍ପତ୍ତି ନେବେ ଜିଲ୍ଲାପାଳ। ସ୍ଥିତି ଅଣାୟତ୍ତ ଥିଲେ ସ୍କୁଲ୍ ବନ୍ଦ ରଖିପାରିବେ। ଆକ୍ୱାଗାର୍ଡ ନ ଥିବା ସ୍କୁଲରେ ପିଲାଙ୍କୁ ଫୁଟା ପାଣି ପିଇବାକୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଚିକାମାନେ ମଧ୍ୟାହ୍ନ ଭୋଜନରେ ଗରମ ଖାଦ୍ୟ ସହ ପିଲାଙ୍କୁ ଫୁଟା ପାଣି ଦେବା ପାଇଁ କୁହାଯାଇଛି। ହଷ୍ଟେଲରେ ବି ସମାନ ପଦକ୍ଷେପ ଗ୍ରହଣ କରାଯିବ। ସ୍କୁଲ୍ ପରିବେଶ ସହ ପାଣି ଟାଙ୍କି ସଫା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ସ୍କୁଲ ପରିସରର ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ଶିକ୍ଷାମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray